# NATIONAL NEWS BULLETIN (ODIA)
## 16 October - 2024
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଅଭିଧାମ୍ମ ଦିବସ ଏବଂ ପାଲି ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ଉତ୍ସବରେ ଯୋଗଦେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ୨୦୨୫-୨୬ ବିପଣନ ଋତୁ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ ।

– କେନ୍ଦ୍ର ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୩ ପ୍ରତିଶତ ବୃଦ୍ଧି ।

- ଇସଲାମାବାଦରେ ଅନୁଷ୍ଠିତ ସାଂଘାଇ ସହଯୋଗ ସଂଗଠନ ବୈଠକ ଫଳପ୍ରଦ; କହିଲେ ବୈଦେଶିକ ମନ୍ତ୍ରୀ ।
- ନୂଆଦିଲ୍ଲୀରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ଆନ୍ତର୍ଜାତୀୟ ମିଥାନଲ ସେମିନାର ଓ ଏକ୍ସପୋ-୨୦୨୪ ।

ଏବଂ

- ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଆଜି ଆରମ୍ଭ ହେବାକୁ ଥିବା ପ୍ରଥମ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦିନର ଖେଳ ବର୍ଷା ଯୋଗୁଁ ବାତିଲ ।

# ପିଏମ୍‌- ଅଭିଧାମ ଦିବସ

ନୂଆଦିଲ୍ଲୀରେ ଆସନ୍ତାକାଲି ଅଭିଧାମ୍ମ ଦିବସ ପାଳନ ଏବଂ ପାଲି ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ପ୍ରଦାନ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେବେ। ସଂସ୍କୃତି ମନ୍ତ୍ରଣାଳୟ ସହଯୋଗରେ ଅନ୍ତର୍ଜାତୀୟ ବୌଦ୍ଧ ମହାସଂଘ ଏହି ଅନ୍ତର୍ଜାତୀୟ ଅଭିଧାମ୍ମ ଦିବସ ପାଳନ କରୁଛି। ଅଭିଧାମ୍ମ ଦିବସର ମହତ୍ତ୍ୱ, ପାଲି ଭାଷାର ମହତ୍ତ୍ୱ ଏବଂ ବୁଦ୍ଧ ଧର୍ମର ସମୃଦ୍ଧ ଐତିହ୍ୟର ସଂରକ୍ଷଣ ଏବଂ ପ୍ରୋତ୍ସାହନ ପାଇଁ ସରକାରଙ୍କ ପ୍ରୟାସ ସମ୍ପର୍କରେ ପ୍ରଧାନମନ୍ତ୍ରୀ ତାଙ୍କର ମତ ରଖିବେ । ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ମଧ୍ୟ ଏହି ଅବସରରେ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ସଂସଦୀୟ ବ୍ୟାପାର ଓ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ମଧ୍ୟ ଉପସ୍ଥିତ ରହିବେ।

କିଛି ଦିନ ପୂର୍ବେ କେନ୍ଦ୍ର ସରକାର ଅନ୍ୟ ଚାରିଟି ଭାଷା ସହିତ ପାଲିକୁ ଶାସ୍ତ୍ରୀୟ ଭାଷା ଭାବରେ ସ୍ୱୀକୃତି ଦେବା ପରେ ଚଳିତ ବର୍ଷର ଅଭିଧାମ୍ମ ଦିବସ ପାଳନର ମହତ୍ତ୍ୱ ବୃଦ୍ଧି ପାଇଛି।  ଅଭିଧାମ୍ମ ଉପରେ ବୁଦ୍ଧଙ୍କ ଶିକ୍ଷା ମୂଳତଃ ପାଲି ଭାଷାରେ ଉପଲବ୍ଧ ହେଉଛି।  ଏହି ଉତ୍ସବରେ ୧୪ଟି ଦେଶର ଶିକ୍ଷାବିତ୍‌ ଏବଂ ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟର ବୁଦ୍ଧଧାମ ଯୁବ ବିଶେଷଜ୍ଞମାନେ ଯୋଗଦେବେ।

# କ୍ୟାବିନେଟ୍- ଡିସିସନ୍

୨୦୨୫-୨୬ ବିପଣନ ଋତୁ ପାଇଁ ରବି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ପ୍ରସ୍ତାବକୁ କେନ୍ଦ୍ର ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି । ଆଜି ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଏହି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, କଳା ଓ ଧଳା ସୋରିଷ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟରେ କୁଇଣ୍ଟାଲ ପିଛା ସର୍ବାଧିକ ୩୦୦ ଟଙ୍କା ବୃଦ୍ଧି କରାଯାଇଥିବା ବେଳେ ମସୁର କୁଇଣ୍ଟାଲ ପିଛା ୨୭୫ ଟଙ୍କା ବୃଦ୍ଧି କରାଯାଇଛି । ସେହିପରି ଚଣା ୨୧୦ ଟଙ୍କା, ଗହମ ୧୫୦ ଟଙ୍କା, କୁସୁମ ୧୪୦ ଟଙ୍କା ଓ ଜଅ ପାଇଁ କୁଇଣ୍ଟାଲ ପିଛା ୧୩୦ ଟଙ୍କା ବୃଦ୍ଧି କରାଯାଇଛି । ଶ୍ରୀ ବୈଷ୍ଣବ କହିଛନ୍ତି, ରବି ଫସଲର ଉତ୍ପାଦକମାନଙ୍କୁ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ ସୁନିଶ୍ଚିତ କରିବା ପାଇଁ ସରକାର ଏହି ନିଷ୍ପତ୍ତି ନେଇଛନ୍ତି ।

ଶ୍ରୀ ବୈଷ୍ଣବ କହିଛନ୍ତି, ଉତ୍ତରପ୍ରଦେଶର ଗଙ୍ଗା ନଦୀରେ ଏକ ନୂତନ ରେଳ ତଥା ସଡ଼କ ସେତୁ ସମେତ ବାରଣାସୀ-ପଣ୍ଡିତ ଦୀନଦୟାଲ

ଉପାଧ୍ୟାୟ ମଲ୍‌ଟି-ଟ୍ରାକିଂ ପ୍ରକଳ୍ପ ନିର୍ମାଣକୁ ମଧ୍ୟ ସରକାର ଅନୁମୋଦନ କରିଛନ୍ତି।

ସେ କହିଛନ୍ତି, ଏହି ପ୍ରକଳ୍ପ ଯୋଗାଯୋଗକୁ ସହଜ କରିବା ସହ ପରିବହନ ଖର୍ଚ୍ଚ ହ୍ରାସ କରିବ। ଏହାଦ୍ୱାରା ତୈଳ ଆମଦାନୀ ହ୍ରାସ ପାଇବା ସହ ଅଙ୍ଗାରକାମ୍ଳ ନିର୍ଗମନ ପରିମାଣ କମ୍ ହେବ। ଏହି ପ୍ରକଳ୍ପ ନିର୍ମାଣ ସମୟରେ ପ୍ରାୟ ୧୦ ଲକ୍ଷ ମାନବ ଦିବସ ପାଇଁ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି ହେବ। ଏହି ପ୍ରକଳ୍ପର ମୂଲ୍ୟ ୨ ହଜାର ୬୪୨ କୋଟି ଟଙ୍କା ରହିଥିବାବେଳେ ଆସନ୍ତା ୪ ବର୍ଷ ମଧ୍ୟରେ ଏହା ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଛନ୍ତି।

ଅନ୍ୟ ଏକ ନିଷ୍ପତ୍ତି ଅନୁଯାୟୀ, କ୍ୟାବିନେଟ୍, କେନ୍ଦ୍ର ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ଏବଂ ପେନସନଭୋଗୀଙ୍କ ମହଙ୍ଗା ସହାୟତାରେ ୩ ପ୍ରତିଶତ ବୃଦ୍ଧିକୁ ମଞ୍ଜୁର କରିଛନ୍ତି। ଶ୍ରୀ ବୈଷ୍ଣବ କହିଛନ୍ତି, ଏହି ବୃଦ୍ଧି ଦ୍ୱାରା ୪୯ ଲକ୍ଷ ୧୮ ହଜାର କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ୬୪ ଲକ୍ଷ ଅଣାନବେ ହଜାର ପେନସନଭୋଗୀ ଉପକୃତ ହେବେ। ଏହି ବୃଦ୍ଧି ଫଳରେ ରାଜକୋଷ ଉପରେ ମିଳିତ ଭାବେ ବାର୍ଷିକ ୯ ହଜାର ୪୪୮ କୋଟି ଟଙ୍କାର ପ୍ରଭାବ ପଡ଼ିବ।

# ଆଇଏସ୍‌ଏ-ଆସେମ୍ବ୍ଲି

ଅନ୍ତର୍ଜାତୀୟ ସୌର ମେଣ୍ଟ ସମ୍ମିଳନୀର ସପ୍ତମ ଅଧିବେଶନ ଆସନ୍ତା ମାସ ୩ ତାରିଖରୁ ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଅନୁଷ୍ଠିତ ହେବ। ଏହି ୪ ଦିନିଆ କାର୍ଯ୍ୟକ୍ରମ ନଭେମ୍ବର ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅଧିବେଶନରେ ଆଇ.ଏସ.ଏ.ର ଶକ୍ତି ଉପଲବ୍ଧତା, ନିରାପତ୍ତା ଏବଂ ପରମ୍ପରାକୁ ପ୍ରଭାବିତ କରିବା କ୍ଷେତ୍ରରେ ଗ୍ରହଣ କରିଥିବା ପଦକ୍ଷେପ ଉପରେ ଆଲୋଚନା ହେବ। ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ସୌର ଶକ୍ତି ଗ୍ରହଣ କରିବାକୁ ସଶକ୍ତ କରିବା ଏବଂ ସୌର ବିନିଯୋଗକୁ ତ୍ୱରାନ୍ୱିତ କରିବା ପାଇଁ ଅର୍ଥ ସଂଗ୍ରହ କରିବା ଉପରେ ମଧ୍ୟ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି।

ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରୀ ତଥା ଆଇ.ଏସ୍.ଏ.ର ଅଧ୍ୟକ୍ଷ ପ୍ରହ୍ଲାଦ ଯୋଶୀ କହିଛନ୍ତି, ସୌର ଶକ୍ତିର ବ୍ୟାପକ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ସାରା ବିଶ୍ୱର ନେତାମାନେ ଏହି ସମ୍ମିଳନୀରେ ଏକତ୍ରୀତ ହେବେ। ବିଶ୍ୱ ତାପାୟନ  ବିରୋଧରେ ହେଉଥିବା ପ୍ରଚେଷ୍ଟାରେ ସୌର ଶକ୍ତି ସମାଧାନର ବ୍ୟାପକ ଗ୍ରହଣୀୟତା ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର ବୋଲି ସେ କହିଛନ୍ତି।

ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ଭାରତ ଓ ଫ୍ରାନ୍ସର ମିଳିତ ଉଦ୍ୟମରେ ଅନ୍ତର୍ଜାତୀୟ ସୌର ମେଣ୍ଟ ପ୍ରତିଷ୍ଠା କରାଯାଇଛି । ଅକ୍ଷୟ ଶକ୍ତି, ଜଳବାୟୁ ପରିବର୍ତ୍ତନ ଏବଂ ସ୍ଥାୟୀତ୍ୱ କ୍ଷେତ୍ରରେ ନେତୃତ୍ୱ ପାଇଁ ଭାରତ ଆଜି ବିଶ୍ୱସ୍ତରରେ ସଚେତନତା ସୃଷ୍ଟି କରିଛି ବୋଲି ଶ୍ରୀ ଯୋଶୀ ସୂଚନା ଦେଇଥିଲେ ।

ଏହି ଅବସରରେ ଅନ୍ତର୍ଜାତୀୟ ସୌର ମେଣ୍ଟର ମହାନିର୍ଦ୍ଦେଶକ ଅଜୟ ମାଥୁର ଏବଂ ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟର ଯୁଗ୍ମ ସଚିବ ଉପସ୍ଥିତ ଥିଲେ ।

## ଜୟଶଙ୍କର ଏସ୍‌ସିଓ ଟେକଓ୍ୱେ

ଇସଲାମାବାଦରେ ଆଜି ଅନୁଷ୍ଠିତ ସାଂଘାଇ ସହଯୋଗ ସଂଗଠନ ବୈଠକକୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଫଳପ୍ରଦ ବୋଲି କହିଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର କହିଛନ୍ତି, ବୈଠକରେ ୮ଟି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ସ୍ୱାକ୍ଷରିତ ହୋଇଛି । ଆଲୋଚନାରେ ଭାରତ ଏକ ସକାରାତ୍ମକ ଏବଂ ଗଠନମୂଳକ ଅବଦାନ ଦେଇଛି ବୋଲି ସେ କହିଛନ୍ତି ।

ବୈଦେଶିକ ବ୍ୟାପାର ମନ୍ତ୍ରୀ କହିଛନ୍ତି, 'ଗୋଟିଏ ପୃଥିବୀ, ଗୋଟିଏ ପରିବାର, ଗୋଟିଏ ଭବିଷ୍ୟତ' ର ଧାରଣା ଉପରେ ଆଲୋଚନା ହେବା

ସହ ଭାରତୀୟ ଦୃଷ୍ଟିକୋଣରୁ ଆଠଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଛି । ଡିଜିଟାଲ ଅନ୍ତର୍ଭୁକ୍ତୀକରଣ ଏସ.ସି.ଓ ସହଯୋଗ ଢାଞ୍ଚାର ଏକ ଅଂଶ ପାଲଟିଛି ଏବଂ ଏଥିଲାଗି ସଦସ୍ୟ ଦେଶମାନଙ୍କ ମଧ୍ୟରେ ସମ୍ମତି ପ୍ରକାଶ ପାଇଥିବା ସେ କହିଛନ୍ତି ।

ଏସ.ସି.ଓ ଷ୍ଟାର୍ଟଅପ୍ ଫୋରମ୍, ଷ୍ଟାର୍ଟଅପ୍ ସମ୍ପର୍କିତ କାର୍ଯ୍ୟଗୋଷ୍ଠୀ ଏବଂ ନୂତନ ଓ ପାରମ୍ପରିକ ଔଷଧ ଉପରେ ସ୍ୱତନ୍ତ୍ର କାର୍ଯ୍ୟକାରୀ ଗୋଷ୍ଠୀ ଭଳି ଭାରତର ପଦକ୍ଷେପକୁ ଏସ.ସି.ଓ ସଦସ୍ୟମାନେ ଗ୍ରହଣ କରିଛନ୍ତି । ଏସ.ସି.ଓ’ କାର୍ଯ୍ୟକାରୀ ଗୋଷ୍ଠୀର ଅଧ୍ୟକ୍ଷତା ଭାର ଗ୍ରହଣ କରିବା ପରେ ଡକ୍ଟର ଜୟଶଙ୍କର ରୁଷ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ନୀତି ଆୟୋଗ ସେମିନାର

ନୀତି ଆୟୋଗ ଆସନ୍ତାକାଲିଠାରୁ ନୂଆଦିଲ୍ଲୀରେ ଦୁଇ ଦିନିଆ ଅନ୍ତର୍ଜାତୀୟ ମିଥାନଲ ସେମିନାର ଓ ଏକ୍ସପୋ-୨୦୨୪ ଆୟୋଜନ କରିବ । ଯୁକ୍ତରାଷ୍ଟ୍ର ଆମେରିକାର ମିଥାନଲ ଇନଷ୍ଟିଚ୍ୟୁଟ୍ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ବିଶ୍ୱରେ ମିଥାନଲ ଉତ୍ପାଦନ, ପ୍ରୟୋଗ ଏବଂ ଆନୁଷଙ୍ଗିକ ବୈଷୟିକ ବିକାଶ ସମ୍ବନ୍ଧୀୟ ପ୍ରକଳ୍ପ, ଉତ୍ପାଦ ଏବଂ ଗବେଷଣା ଓ ବିକାଶ ପଦକ୍ଷେପର ଅଗ୍ରଗତି ଉପରେ ଆଲୋଚନା କରାଯିବ । ବିଶ୍ୱ ଶକ୍ତି ପରିବର୍ତ୍ତନରେ ମିଥାନଲର ଭୂମିକା ଏବଂ ଅଙ୍ଗାରକ ରହିତ ମିଥାନଲର ବ୍ୟବହାର ଏହି ସେମିନାରରେ ଆଲୋଚନା ହେବ ।

ନୂଆଦିଲ୍ଲୀରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ନୀତି ଆୟୋଗର ସଦସ୍ୟ ଡକ୍ଟର ଭି.କେ ସାରସ୍ୱତ ମିଥାନଲ୍ ହେଉଛି ଏକ ବହୁମୁଖୀ ଇନ୍ଧନ ଯାହା ବାୟୋମାସ୍, କୋଇଲା ଏବଂ ନବୀକରଣଯୋଗ୍ୟ ଉତ୍ସ ସମେତ ବିଭିନ୍ନ ଘରୋଇ ଫିଡ୍‌ଷ୍ଟକରୁ ଉତ୍ପାଦନ କରାଯାଇପାରିବ। ସେ କହିଛନ୍ତି ଯେ ଏହା ସବୁଠାରୁ ସ୍ୱଚ୍ଛ ଇନ୍ଧନ ଏବଂ ଜୀବାଶ୍ମ ଇନ୍ଧନ ତୁଳନାରେ ଶସ୍ତା । ଏହା ଭାରତର ସ୍ୱଚ୍ଛ ଶକ୍ତି ପରିବର୍ତ୍ତନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଛନ୍ତି।

## ଟିଏନ୍-ଅପଡେଟ୍

ତାମିଲନାଡୁ ଆଞ୍ଚଳିକ ପାଣିପାଗ ବିଭାଗ ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ଚେନ୍ନାଇ, ତିରୁବଲ୍ଲୁର, କାଞ୍ଚିପୁରମ୍ ଏବଂ ଚେଙ୍ଗଲପେଟ ଜିଲ୍ଲାର ଅନେକ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ପାଣିପାଗ ବିଭାଗର ଆଞ୍ଚଳିକ ମୁଖ୍ୟ ବାଲଚନ୍ଦ୍ରନ ଗଣମାଧ୍ୟମକୁ କହିଛନ୍ତି, ଲଘୁଚାପ ଘଣ୍ଟାପ୍ରତି ୧୫ କିଲୋମିଟର ବେଗରେ ଗତି କରୁଛି ଏବଂ ଚେନ୍ନାଇ ଉପକୂଳଠାରୁ ୩୨୦ କିଲୋମିଟର ଦୂରରେ କେନ୍ଦ୍ରୀଭୂତ ରହିଛି। ଆସନ୍ତାକାଲି ସକାଳେ ଉତ୍ତର ତାମିଲନାଡୁ ଓ ଦକ୍ଷିଣ ଆନ୍ଧ୍ର ଉପକୂଳ ମଧ୍ୟରେ ଏହା ସ୍ଥଳଭାଗ ଛୁଇଁବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ପ୍ରାୟ ୧୦ଟି ଜିଲ୍ଲାରେ ଆହୁରି ୪ ଦିନ ମଧ୍ୟମ ଧରଣର ବର୍ଷା ଜାରି ରହିବ।

ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏମ.କେ ଷ୍ଟାଲିନ, ଉପମୁଖ୍ୟମନ୍ତ୍ରୀ ଉଦୟନିଧି ଏବଂ ଅନ୍ୟ ମନ୍ତ୍ରୀମାନେ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବା ସହ ପରବର୍ତ୍ତୀ ପଦକ୍ଷେପ ନେଇ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରୁଛନ୍ତି। ଅନ୍ୟ ଜିଲ୍ଲାରେ ଜରୁରୀ କାଳୀନ ପରିସ୍ଥିତିରେ ଉଦ୍ଧାର ଓ ରିଲିଫ କାର୍ଯ୍ୟ ପାଇଁ ୨୯ଟି ଟିମ୍ ପ୍ରସ୍ତୁତ ଥିବା ବେଳେ ଚେନ୍ନାଇରେ ୧୦ଟି ଟିମ୍ ପ୍ରସ୍ତୁତ ରଖାଯିବ ବୋଲି ଭାରତୀୟ ତଟରକ୍ଷୀ ବାହିନୀ ପକ୍ଷରୁ କୁହାଯାଇଛି। ଏନ.ଡି.ଆର.ଏଫ, ଏସ.ଡି.ଆର.ଏଫ ଟିମକୁ ମଧ୍ୟ ରିଲିଫ କାର୍ଯ୍ୟ ପାଇଁ ପର୍ଯ୍ୟାପ୍ତ ଉପକରଣ ଏବଂ ଡଙ୍ଗା ସହିତ ପ୍ରସ୍ତୁତ ରଖାଯାଇଛି ।

## ନାଇଜେରିଆ ଏକ୍ସପ୍ଲୋଜନ୍

ନାଇଜେରିଆରେ ଏକ ଇନ୍ଧନ ଟ୍ୟାଙ୍କର ବିସ୍ଫୋରଣରେ ୯୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫୦ ଜଣ ଆହତ ହୋଇଛନ୍ତି। ଗତକାଲି ରାତିରେ ଉତ୍ତର ଜିଗାୱା ରାଜ୍ୟରେ ଏହି ଘଟଣା ଘଟିଛି। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ମୃତକଙ୍କ ମଧ୍ୟରୁ ଅଧିକାଂଶ ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କର ନିକଟକୁ ଯାଇ ରାସ୍ତାରେ ଢାଳି ହୋଇଥିବା ଇନ୍ଧନ ସଂଗ୍ରହ କରିବାକୁ ଚେଷ୍ଟା କରୁଥିଲେ। ଇନ୍ଧନ ଟ୍ୟାଙ୍କରଟି କାନୋରୁ ଆସି ୟୋବେ ରାଜ୍ୟର ନଗୁରୁ ଅଭିମୁଖେ ଯାଉଥିବା ବେଳେ ଡ୍ରାଇଭର ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇଥିଲା। ସମ୍ପୃକ୍ତ ଟ୍ୟାଙ୍କର ଡ୍ରାଇଭରକୁ ଅଟକି ରଖି ପୁଲିସ

ପଚରାଉଚରା କରୁଛି।  ଗତ ସେପ୍ଟେମ୍ବର ମାସରେ ନାଇଜରରେ ଏକ ଇନ୍ଧନ ଟ୍ୟାଙ୍କର, ଯାତ୍ରୀ ଓ ଗୋରୁ ପରିବହନ କରୁଥିବା ଏକ ଲରି ସହ ଧକ୍କା ହେବା ଫଳରେ ୫୯ ଜଣଙ୍କର ମୃତ୍ୟୁ ହୋଇଥିଲା।

# ଆଇଏସ୍ଏସ୍ଏଫ୍ ସୁଟିଂ

**ISSF** ବିଶ୍ୱକପ୍ ଫାଇନାଲ୍‌ରେ ଭାରତୀୟ ବନ୍ଧୁକଚାଳକ ଅଖିଳ ଶେରୋଆନ୍ ୫୦ ମିଟର ରାଇଫଲ ଥ୍ରିପି ଇଭେଣ୍ଟରେ କାଂସ୍ୟ ପଦକ ଜିତିଛନ୍ତି। ଭାରତ ପାଇଁ ଏହା ତାଙ୍କର ଦ୍ୱିତୀୟ ପଦକ।

# ଇଣ୍ଡିଆ-ନ୍ୟୁଜିଲାଣ୍ଡ ପ୍ରଥମ ଟେଷ୍ଟ

ବେଙ୍ଗାଲୁରୁର ଏମ୍.ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଆଜି ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ହେବାକୁ ଥିବା ପ୍ରଥମ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦିନର ଖେଳ  ବର୍ଷା ଯୋଗୁଁ ବାତିଲ ହୋଇଛି। ଆସନ୍ତାକାଲି  ଦ୍ୱିତୀୟ ଦିନର ଖେଳ ସୁରୁଖୁରୁରେ ହେବ ବୋଲି ଆଶା କରାଯାଉଛି। ଏହା ପୂର୍ବରୁ ଭାରତ ଟେଷ୍ଟ ସିରିଜ୍‌ରେ ବାଂଲାଦେଶକୁ ୨-୦ରେ ପରାସ୍ତ କରିଥିବା ବେଳେ ନ୍ୟୁଜିଲାଣ୍ଡ ୨-୦ରେ ଶ୍ରୀଲଙ୍କାକୁ ପରାସ୍ତ କରିସାରିଛି। ମାନ୍ୟତା ଅନୁଯାୟୀ, ଭାରତ ବିଶ୍ୱ ଟେଷ୍ଟ ଚମ୍ପିଆନ୍‌ସିପ୍‌ରେ ପ୍ରଥମ ସ୍ଥାନ ଅକ୍ତିଆର କରିଥିବା ବେଳେ ନ୍ୟୁଜିଲାଣ୍ଡ ଷଷ୍ଠ ସ୍ଥାନରେ ରହିଛି।

ସୂଚନାଯୋଗ୍ୟ, ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଆସନ୍ତା ୨୪ତାରିଖରେ ପୁନେର ମହାରାଷ୍ଟ୍ର କ୍ରିକେଟ୍ ଆସୋସିଏସନ ଷ୍ଟାଡିୟମଠାରେ ଏବଂ ତୃତୀୟ ତଥା ଅନ୍ତିମ ଟେଷ୍ଟ ମୁମ୍ବାଇର ୱାଙ୍ଖଡେ ଷ୍ଟାଡିୟମରେ ନଭେମ୍ବର ପହିଲାରେ ଖେଳାଯିବ ।

## ମହିଳା ଟି-୨୦ ବିଶ୍ୱକପ୍

ଆଇସିସି ମହିଳା ଟି-୨୦ ବିଶ୍ୱକପ୍ ପ୍ରତିଯୋଗିତାର ସେମିଫାଇନାଲ ପର୍ଯ୍ୟାୟ ମ୍ୟାଚ୍ ଆସନ୍ତାକାଲିଠାରୁ ଆରମ୍ଭ ହେବ । ପ୍ରଥମ ସେମିଫାଇନାଲ ଦୁବାଇଠାରେ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ହେବ । ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲରେ ୱେଷ୍ଟଇଣ୍ଡିଜ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ମୁକାବିଲା ହେବ । ରବିବାର ଦିନ ଫାଇନାଲ ମ୍ୟାଚ୍ ଖେଳାଯିବ ।

ଦୁବାଇଠାରେ ଗତକାଲି ଅନୁଷ୍ଠିତ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ଇଂଲଣ୍ଡକୁ ୬ ୱିକେଟ୍‌ରେ ପରାସ୍ତ କରି ଚତୁର୍ଥ ଦଳ ଭାବେ ସେମିଫାଇନାଲରେ ପହଞ୍ଚିଛି ।